# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**13 June– 2026**

# ମନ୍ତ୍ରିମଣ୍ଡଳ ବୈଠକ

ଭୁବନେଶ୍ୱର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଏଥିରେ ୬ଟି ବିଭାଗର ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । କ୍ୟାବିନେଟ୍‌ରେ ବିଭିଜିରାମଜୀ ଯୋଜନାକୁ ଅନୁମୋଦନ ମିଳିବା ସହ ରାଜ୍ୟରେ ଏହାକୁ ଆସନ୍ତା ପହିଲାରୁ କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ନିଆଯାଇଛି । ସେହିଭଳି ବନ୍ଦ ଥିବା ସମବାୟ ସୂତାକଳ, କଳତନ୍ତ ୟୁନିଟ୍‌ଗୁଡ଼ିକର ବକେୟା ଦେୟ ପାଇଁ ମଂଜୁରୀ ମିଳିଛି । ସମ୍ପତ୍ତି ତାଲିକା ଦେବାରେ ଅବହେଳା କରୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଥିଲାଗି ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ନିୟମାବଳୀ ୧୯୫୯ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଇଂରାଜୀ ବନାନର ସଂଶୋଧନ ଓ ପ୍ରକୃତ ଓଡ଼ିଆ ନାମର ପୁନରୁଦ୍ଧାର ପ୍ରସ୍ତାବକୁ ମଧ୍ୟ ମଂଜୁରୀ ମିଳିଛି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ସହରୀ ଯୋଜନାରେ ଭୂତଳ ସ୍ୱେରେଜ ଯୋଜନା ପାଇଁ ୧୭୫ କୋଟି ଟଙ୍କା ମଂଜୁର କରାଯାଇଛି ।

# ଅନ୍ନପୂର୍ଣ୍ଣା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଛନ୍ତି । ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ନିଃଶୁଳ୍କ ଆଉ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯିବ । ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟ ସରକାରଙ୍କ ଜନକଲ୍ୟାଣ ପ୍ରତି ଅଙ୍ଗୀକାରବଦ୍ଧତା ଏବଂ ରାଜ୍ୟର ପ୍ରତ୍ୟେକ ପରିବାରର ଭାତଥାଳିକୁ ସୁରକ୍ଷିତ କରିବାକୁ ଏକ ଐତିହାସିକ ସଂକଳ୍ପ । ରାଜ୍ୟର ହିତାଧିକାରୀମାନେ ବର୍ତ୍ତମାନ ୫ କିଲୋଗ୍ରାମ ଚାଉଳ ପାଉଥିବା ବେଳେ ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୦ କିଲୋଗ୍ରାମ ଲେଖାଏଁ ଚାଉଳ ମିଳିବ । ଏହା ଦ୍ୱାରା ରାଜ୍ୟର ୩ କୋଟି ୨୮ ଲକ୍ଷ ୫୨ ହଜାର ହିତାଧିକାରୀ ଉପକୃତ ହେବେ ।

# ଗଣଯୋଗ ଅଭିଯାନ

କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷର ଆସନ୍ତାକାଲି ଗଣଯୋଗ ଅଭିଯାନର ଆୟୋଜନ କରାଯାଇଛି । ଆନ୍ତର୍ଜାତିକ ଯୋଗଦିବସ ପୂର୍ବରୁ ଏହି ଅଭିଯାନରେ ଅଂଶଗ୍ରହଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଆସନ୍ତାକାଲି ସକାଳ ୬ଟା ୧୫ରୁ ୭ଟା ୩୫ ମିନିଟ୍ ପର୍ଯ୍ୟନ୍ତ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଅନ୍‌ଲାଇନ୍ ଯୋଗ ଅଧିବେଶନର ଆୟୋଜନ କରାଯାଉଛି । ଅଧିବେଶନରେ ସର୍ବାଧିକ

ସଂଖ୍ୟକ ଲୋକଙ୍କ ଅଂଶଗ୍ରହଣ ମାଧ୍ୟମରେ ଗିନିଜ୍ ୱାର୍ଲଡ ରେକର୍ଡ ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଛି ।

## ପ୍ରକଳ୍ପ ସମୀକ୍ଷା

ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ବୌଦ୍ଧ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି । ଶ୍ରୀ ନାୟକ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆପାର୍ଟମେଣ୍ଟ ପଞ୍ଜୀକରଣ

ରାଜ୍ୟରେ ଘର କ୍ରେତା, ଜମି ମାଲିକ ଏବଂ ପ୍ରମୋଟରମାନଙ୍କ ପାଇଁ ପ୍ରାକ୍ ରେରା ପ୍ରକଳ୍ପ ଗୁଡ଼ିକ ଲାଗି ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ହୋଇଛି । ସରକାରଙ୍କ ପକ୍ଷରୁ ଏ ସଂପର୍କିତ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହା ଅନୁସାରେ ୫ ଅକ୍ଟୋବର ୨୦୧୬ରେ ରିଏଲ୍ଇଷ୍ଟେଟ୍ ନିୟନ୍ତ୍ରଣ ଏବଂ ବିକାଶ ଅଧିନିୟମ-ରେରା ଲାଗୁ ହେବା ପୂର୍ବରୁ ସଂପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଆପାର୍ଟମେଣ୍ଟ ୟୁନିଟ୍‌ଗୁଡ଼ିକର ପଞ୍ଜୀକରଣ ସହଜ ହୋଇପାରିବ ।

# ଫିଲ୍ମ ଫେଷ୍ଟିଭାଲ୍

ଭୁବନେଶ୍ୱର ଜୟଦେବ ଭବନଠାରେ ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ 'ତୃତୀୟ ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ୍-୨୦୨୬'ର ଆୟୋଜନ କରାଯିବ । ମୁଖ୍ୟମନ୍ତ୍ରୀ ଚଳଚ୍ଚିତ୍ର ମହୋତ୍ସବର ଆନୁଷ୍ଠାନିକ କାର୍ଯ୍ୟସୂଚୀକୁ

ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟର କଳା, ଐତିହ୍ୟ ଏବଂ ସିନେମାକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଆସନ୍ତାବର୍ଷ ଠାରୁ ଚଳଚ୍ଚିତ୍ର ମହୋତ୍ସବକୁ ଆହୁରି ବ୍ୟାପକ ଭାବେ ଆୟୋଜନ କରାଯିବ ।

## ବାଲୁକା ଶିଳ୍ପୀ

ବିଶିଷ୍ଟ ବାଲୁକା କଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ରୁଷ୍‌ରେ ଆୟୋଜିତ ଦ୍ୱିତୀୟ ଆନ୍ତର୍ଜାତିକ ବାଲୁକା ଶିଳ୍ପ ଉତ୍ସବରେ ଗ୍ରାଣ୍ଡ୍ ସ୍ୟାଣ୍ଡ୍ ମାଷ୍ଟର କପ୍-୨୦୨୬ ବିଜୟୀ ହୋଇଛନ୍ତି । ଏହି ସମ୍ମାନ ପାଇଥିବା ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ ହେବାର ସେ ଗୌରବ ଅର୍ଜନ କରିଛନ୍ତି । ବିଶ୍ୱ ତାପାୟନ ବିଷୟରେ ତାଙ୍କ ବାଲୁକା ଶିଳ୍ପ ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ଏହି ପୁରସ୍କାର ଦିଆଯାଇଛି ।

## ବୈଠକ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଟେବୁଲ୍ ଟପ୍ ଅଭ୍ୟାସ୍ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ବୈଠକ ହୋଇଯାଇଛି । ବୈଠକରେ ଆସନ୍ତା ୧୮ ଓ ୧୯ ତାରିଖରେ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ନେଇ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ସଚେତନତା ରଥ

ଯାଜପୁର ଜିଲ୍ଲାରେ ଶିଶୁ ଶ୍ରମିକ ପ୍ରଥା ନିରୋଧ ପାଇଁ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ

ଉଦ୍‌ଘାଟନ କରିଛନ୍ତି । ଏଥିରେ ଏକ ସଚେତନତା ରଥ ଜିଲ୍ଲା ବ୍ୟାପି ପରିକ୍ରମା କରିବା ସହ ଶିଶୁ ଶ୍ରମିକ ପ୍ରଥା ବିରୋଧରେ ସଚେତନତାର ବାର୍ତ୍ତା ପ୍ରଚାର କରାଯିବ । ରାଜ୍ୟର ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମ ନିରାକରଣ ରଥର ଶୁଭାରମ୍ଭ ହୋଇଯାଇଛି ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ରାଜ୍ୟର ଉପକୂଳ ଅଞ୍ଚଳରେ ପ୍ରବେଶ କରିବା ପରେ ବର୍ତ୍ତମାନ ଉତ୍ତର ଭାଗକୁ ଅଗ୍ରସର ହେଉଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ମୌସୁମୀ ପ୍ରଭାବରେ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ପାଗ ଅନୁକୂଳ ଥିବାରୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀବାୟୁ ରାଜ୍ୟର ଅଧିକାଂଶ ସ୍ଥାନକୁ ଅଗ୍ରସର ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତକାଲି ବୌଦ୍ଧଠାରେ ସର୍ବାଧିକ ତାପମାତ୍ରା ୪୦ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଥିଲା ।